# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 19 January - 2025

## ମନ୍ କୀ ବାତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୮ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

## ମୁଖ୍ୟମନ୍ତ୍ରୀ

୨୦୩୬ ମସିହା ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ୨୦୪୭ ମସିହା ସୁଦ୍ଧା ରାଜ୍ୟ ବିକଶିତ ଭାରତର ଏକ ପ୍ରମୁଖ ଅଂଶ ହେବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶା ଓ ସିଙ୍ଗାପୁର ମଧ୍ୟରେ ୮ଟି ବୁଝାମଣା ସ୍ୱାକ୍ଷର ହୋଇଛି । ଏଗୁଡିକ କାର୍ଯ୍ୟକାରୀ ହେବା ପରେ ଓଡିଶା ବିଶ୍ୱର ଅଗ୍ରଣୀ ଦେଶଗୁଡିକ ସହ ସମକକ୍ଷ ହୋଇପାରିବ ।

# -V/O-

## ରାଜ୍ୟପାଳ ଭବନ

ଭୁବନେଶ୍ୱରରେ ଥିବା ରାଜଭବନ ଉଦ୍ୟାନ ବର୍ଷକୁ ଏକାଧିକ ଥର ଖୋଲିବା ଉପରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ରାଜଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା ଲୋକଙ୍କ ସହ ରାଜ୍ୟପାଳ ବାର୍ତ୍ତାଳାପ କରିଥିଲେ । ଗତ ୧୩ତାରିଖରୁ ରାଜଭବନ ଉଦ୍ୟାନ ଖୋଲିବା ପରେ ୩୦ହଜାରରୁ ଅଧିକ ଜନସାଧାରଣ ପରିଦର୍ଶନ କରିଛନ୍ତି ।ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଏହା ସର୍ବସାଧାରଣଙ୍କ ପାଇଁ ଖୋଲାରହିବ ।

## ମୁଖ୍ୟ ବିଚାରପତିଙ୍କ ଅବସର

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଆଜି ଅବସର ଗ୍ରହଣ କରୁଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିବେ ।ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ କେନ୍ଦ୍ର ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ସୁଭଦ୍ରା ଯୋଜନା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କ ସହ ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ଶ୍ରୀମତୀ ପରିଡ଼ା ଯୋଜନା ଅନ୍ତର୍ଗତ

କ୍ଷେତ୍ର ଅନୁଧ୍ୟାନ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଇ-କେଓ୍ୱାଇସି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ସେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । ଯୋଜନାରେ ଏପର୍ଯ୍ୟନ୍ତ ଅପ୍‌ଟ-ଇନ ଜରିଆରେ ୧୨ହଜାର ୭୭୩ଜଣ ହିତାଧିକାରୀ ଯୋଡି ହୋଇଛନ୍ତି ।

## ସ୍ୱାମୀତ୍ୱ ଯୋଜନା

ସ୍ୱାମୀତ୍ୱ ଯୋଜନା ସମ୍ପତ୍ତି ମାଲିକଙ୍କୁ ସଶକ୍ତ କରିବା ସହ ଗ୍ରାମୀଣ ଭାରତରେ ଉନ୍ନତ ଭିତ୍ତିଭୂମି, ଆର୍ଥିକ ସ୍ଥିରତା ଏବଂ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ଏହି ଯୋଜନା ଦାରିଦ୍ର୍ୟ ହ୍ରାସ କରିବାର ସହାୟକ ହେବ । ମହିଳାଙ୍କ ସାମାଜିକ ଅର୍ଥନୈତିକ ସଶକ୍ତିକରଣ କ୍ଷେତ୍ରରେ ସ୍ୱାମୀତ୍ୱ ଯୋଜନା ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀମତୀ ପରିଡା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ସ୍ୱାମୀତ୍ୱ ଯୋଜନାରେ ୬୫ଲକ୍ଷ ସମ୍ପତ୍ତିକାର୍ଡ ବଣ୍ଟନ କରିଥିଲେ ।

## ମହାନଦୀ ରିଭର ଫ୍ରଣ୍ଟ

ମହାନଦୀ ରିଭର ଫ୍ରଣ୍ଟ ନିର୍ମାଣ ପାଇଁ ବିସ୍ତୃତ ଯୋଜନା ରିପୋର୍ଟ ଅନୁମୋଦନ ହୋଇଥିବା କଟକ ମହାନଗର ନିଗମ କମିଶନର ଅନାମ ଚରଣ ପାତ୍ର କହିଛନ୍ତି । କଟକ ବାଲିଯାତ୍ରା ଡଲପଡିଆ ସଂଲଗ୍ନ ଅଞ୍ଚଳରେ ଜାତୀୟ ସବୁଜ ପ୍ରାଧିକରଣ ମାର୍ଗଦର୍ଶିକା ଅନୁଯାୟୀ ଏହି ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି ।

## ପକ୍ଷୀଗଣନା

ରାଜ୍ୟର ବିଭିନ୍ନ ବନ୍ୟପ୍ରାଣୀ ଡିଭିଜନରେ ପକ୍ଷୀଗଣନା ଶେଷ ହୋଇଛି । ଚିଲିକାକୁ ଚଳିତବର୍ଷ ୧୯୬ଟି ପ୍ରଜାତିର ୧୧ଲକ୍ଷ ୨୭ହଜାର ୨୨୮ଟି ପକ୍ଷୀ ଆସିଥିବାବେଳେ ୧୦୯ଟି ପ୍ରଜାତିର ବିଦେଶାଗତ ପକ୍ଷୀ ଓ ୮୭ଟି ପ୍ରଜାତିର ଦେଶୀୟ ପକ୍ଷୀ ରହିଛନ୍ତି । ଖୁଣ୍ଟୁଣୀ ବନାଞ୍ଚଳରେ ୩୯ଟି ପ୍ରଜାତିର ୫ହଜାର ୬ଶହଟି ପକ୍ଷୀ ଚିହ୍ନଟ ହୋଇଥିବାବେଳେ ଗୋପ ବନବିଭାଗ ଅଧୀନରେ କରାଯାଇଥବା ଗଣନାରେ ବିଭିନ୍ନ ପ୍ରଜାତିର ୩ହଜାର ୭୫ଟି ପକ୍ଷୀ ଚିହ୍ନଟ କରାଯାଇଛି ।

## ସ୍ୱତନ୍ତ୍ର ଉତ୍ସବ

ବେଟି ବଚାଓ, ବେଟି ପଢାଓ ଅଭିଯାନର ୧୦ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୨ତାରିଖରୁ ସ୍ୱତନ୍ତ୍ର ଉତ୍ସବ ଆରମ୍ଭ ହେବ । ନାରୀଶିକ୍ଷାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୮ତାରିଖ ମହିଳା ଦିବସ ପର୍ଯ୍ୟନ୍ତ ଚାଲିବ ।

## ପ୍ରଦର୍ଶନୀ

କୋଣାର୍କ ସୂର୍ଯ୍ୟମନ୍ଦିରଠାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ  ଏକ ପ୍ରଦର୍ଶନୀ ଆରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ ସଚିବ ଫରିଦା ଏମ୍ ନାୟକ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି । ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ସ୍ୱରୋଜଗାର କାର୍ଯ୍ୟକ୍ରମର

ନମୁନା ପ୍ରଦର୍ଶନ କରାଯାଇଛି । ପ୍ରଦର୍ଶନୀରେ ୧୮ଟି ଷ୍ଟଲ ଖୋଲାଯାଇଛି । ଆସନ୍ତା ୨୧ତାରିଖ ଯାଏଁ ଏହି ପ୍ରଦର୍ଶନୀ ଚାଲିବ ।

## ହକି

ହକି ଇଣ୍ଡିଆ ଲିଗ୍ ଅନ୍ତର୍ଗତ ପୁରୁଷ ବର୍ଗରେ ଗତକାଲି ଅନୁଷ୍ଠିତ ମ୍ୟାଚରେ ହାଇଦ୍ରାବାଦ ତୋଫାନ୍ସ ୪-୦ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଥିବାବେଳେ ଅନ୍ୟ ଏକ ମ୍ୟାଚରେ ୟୁପିରୁ ରୁଦ୍ରାସ ୧-୦ଗୋଲରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି । ଆଜି ମହିଳା ବର୍ଗରେ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ  ସନ୍ଧ୍ୟା ୬ଟାରେ ଓଡିଶା ଓ୍ୱାରିୟର୍ସ ଓ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଏବଂ ପୁରୁଷ ବର୍ଗରେ କଳିଙ୍ଗ ଲାନସର୍ସ ଓ ଦିଲ୍ଲୀ ଏସ.ଜି. ପାଇପର୍ସ ମଧ୍ୟରେ ରାତି ୮ଟା ୧୫ମିନିଟ୍‌ରେ ମ୍ୟାଚ ଅନୁଷ୍ଠିତ ହେବ ।